
ଅନୁଗୋଳ ଗୁଣ୍ଡିଚା ମନ୍ଦିର ଆଡ଼ପ ମଣ୍ଡପରୁ ମହାପ୍ରଭୁ ଜଗନ୍ନାଥଙ୍କୁ ପହଣ୍ଡିରେ ରଥ ଉପରକୁ ନିଆଯାଉଛି।


ରଥାରୂଢ଼ ପାଇଁ ବଡ଼ଠାକୁର ବଳଭଦ୍ରଙ୍କୁ ପହଣ୍ଡିରେ ଅଣାଯାଉଛି।


ସେବାୟତମାନେ ଦେବୀ ସୁଭଦ୍ରାଙ୍କୁ ପହଣ୍ଡିରେ ନେଉଛନ୍ତି।


ମହିଳାମାନେ ଦେବୀ ସୁଭଦ୍ରାଙ୍କ ରଥକୁ ଟାଣି ନେଉଛନ୍ତି।



ରଥରେ ଥିବା ପାର୍ଶ୍ୱ ଦେବଦେବୀଙ୍କୁ ପ୍ରଣାମ କରୁଛନ୍ତି ଜଣେ ଶ୍ରଦ୍ଧାଳୁ।

# ଲୀଳା ସାରି ଫେରିଲେ ଲୀଳାମୟ

## ଆଜି ସୁନାବେଶରେ ଦର୍ଶନ ଦେବେ ଶ୍ରୀଜୀଉ

ଅନୁଗୋଳ, ୨୮।୬ (ଅମିତ ସାମଲ)

ଅନୁଗୋଳରେ ଶେଷ ହୋଇଛି ଶ୍ରୀଜୀଉଙ୍କ ବାହୁଡ଼ାଯାତ୍ରା। ବୁଧବାର ସନ୍ଧ୍ୟାରେ ଶ୍ରୀଗୁଣ୍ଡିଚା ମନ୍ଦିରରୁ ୩ ରଥ ବାହୁଡ଼ି ଆସିଛି ଶୈଳଶ୍ରୀକ୍ଷେତ୍ର। ରାତି ୭ଟା ୫୦ରେ ସିଂହଦ୍ୱାର ସମ୍ମୁଖରେ ୩ ରଥକୁ ପହଞ୍ଚାଇ ଦେଇଛନ୍ତି ଶ୍ରଦ୍ଧାଳୁ। ଅସହ୍ୟ ଗୁଳୁଗୁଳି ଓ ଗରମ ସତ୍ତ୍ୱେ ୨୦ ହଜାରରୁ ଅଧିକ ଭକ୍ତଙ୍କ ସମାଗମ ହୋଇଥିଲା ସହରରେ। ଗୁରୁବାର ଶ୍ରୀଜୀଉମାନଙ୍କ ସୁନାବେଶ ଅନୁଷ୍ଠିତ ହେବାକୁ ଥିବାରୁ ମନ୍ଦିର ପରିଚାଳନା କମିଟି ପକ୍ଷରୁ ଆରମ୍ଭ ହୋଇଛି ଆବଶ୍ୟକ ପ୍ରସ୍ତୁତି।

ବାହୁଡ଼ା ଯାତ୍ରା ପାଇଁ ବୁଧବାର ଭୋର୍ ସମୟରୁ ଶ୍ରୀଗୁଣ୍ଡିଚା ମନ୍ଦିର ସମ୍ମୁଖରେ ଆରମ୍ଭ ହୋଇଯାଇଥିଲା ଭିଡ଼। ରଥାରୂଢ଼ ଦାରୁଦିଅଁଙ୍କୁ ଦେଖିବା ପାଇଁ ଆତୁର ନୟନରେ ଚାହିଁ ରହିଥିଲେ ଭକ୍ତ। ତେବେ ଭୋର ୩ଟାରୁ ପର୍ଯ୍ୟାୟକ୍ରମେ ଦ୍ୱାରଫିଟା, ମଙ୍ଗଳଆଳତି, ସେନାପଟାଲାଗି, ଅବକାଶ, ରୋଶ ହୋମ କରାଯାଇଥିଲା। ସାଢ଼େ ୫ଟାରେ ବେଶଲାଗି ପରେ ସୂର୍ଯ୍ୟପୂଜା, ଦ୍ୱାରପାଳ ପୂଜା, ଗୁରୁଡ଼ ପୂଜା, ବାଳଧୂପ, ଖେଚୁଡ଼ି ଧୂପ ସମ୍ପନ୍ନ ହୋଇଥିଲା। ପୂର୍ବାହ୍ନ ୮ଟାରେ ମଙ୍ଗଳାର୍ପଣ ନୀତି ପରେ ୯ଟା ୧୫ରେ ଗୋଟି ପହଣ୍ଡିରେ ଆସିଥିଲେ ତିନିଠାକୁର। ଏହି ସମୟରେ ଜୟଜଗନ୍ନାଥ ଧ୍ୱନିରେ ପ୍ରକମ୍ପିତ ହୋଉଉଠିଥିଲା ପରିବେଶ। ଅପରାହ୍ନ ୧ଟାରେ ୩ ରଥରେ ଛେରା ପହଁରାନୀତି ଅନୁଷ୍ଠିତ ହୋଇଥିଲା। ଶୈଳଶ୍ରୀକ୍ଷେତ୍ର ମନ୍ଦିର ପରିଚାଳନା କମିଟି ସଭାପତି ତଥା ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଓ ପରିଚାଳନା କମିଟି ଉପସଭାପତି ଏସ୍‌ପି ସୁଧାଂଶୁ ଶେଖର ମିଶ୍ର ଛେରାପହଁରା କରିଥିଲେ। ଅପରାହ୍ନ ୩ଟା ୧୫ରେ ରଥଟଣା ଆରମ୍ଭ ହୋଇଥିଲା। ପ୍ରବଳ ଗୁଳୁଗୁଳି ସତ୍ତ୍ୱେ ଶ୍ରଦ୍ଧାଳୁମାନେ ୩ ରଥକୁ ଅତି ଆନନ୍ଦରେ ଭିଡ଼ି ନେଇଥିଲେ। ଅନୁଗୋଳ ଥାନା ସମ୍ମୁଖରେ ପୋଡ଼ପିଠା, ଛେନାପୋଡ଼ ଭୋଗ ଲାଗି ପରେ ଭକ୍ତମାନେ ରଥକୁ ଶୈଳଶ୍ରୀକ୍ଷେତ୍ରରେ ପହଞ୍ଚାଇ ଦେଇଥିଲେ। ସେହିଭଳି ସହରର ଅମଲାପଡ଼ା, ହେମସୁପରପଡ଼ା, ହୁଲୁରିସିଂହା ସହ ବିଭିନ୍ନ ସ୍ଥାନରେ ବାହୁଡ଼ାଯାତ୍ରା ଅନୁଷ୍ଠିତ ହୋଇଯାଇଛି।



**ମାଉସୀ ଘରକୁ ବୁଲି ଯାଇଥିଲେ ମହାପ୍ରଭୁ। ୮ ଦିନ ହେଲା ଆଡ଼ପମଣ୍ଡପରୁ ଦେଉଥିଲେ ଦିବ୍ୟ ଦର୍ଶନ। ବର୍ଷକରେ ଥରେ ଏହି ଦୁର୍ଲଭ ଦୃଶ୍ୟ ଦେଖି ଭାବରେ ଭିଜିଯାଇଥିଲେ ଭକ୍ତ। ହେଲେ ଜନ୍ମବେଦିରେ ସମସ୍ତ ଲୀଳାଖେଳା ସାରି ବୁଧବାର ମନ୍ଦିର ଅଭିମୁଖେ ଫେରିଆସିଛନ୍ତି ଲୀଳାମୟ। ସନ୍ଧ୍ୟାରେ ରଥଖଳାରେ ରଥ ଲାଗିବା ପରେ ଆରମ୍ଭ ହୋଇଛି ଅନ୍ୟ ନୀତିକାନ୍ତି।**

### ପ୍ରତିବର୍ଷ ରଥ ଟାଣୁଛି



ଦେବୀ ସୁଭଦ୍ରାଙ୍କ କୃପାରୁ ପ୍ରତିବର୍ଷ ରଥ ଟାଣୁଛି। ତାଙ୍କ ଆଶୀର୍ବାଦ ନ ଥିଲେ ଏହି ଅପୂର୍ବ ସୁଯୋଗ ମିଳନ୍ତା ନାହିଁ। ଅନୁଗୋଳ ସହରର ଶତାଧିକ ମହିଳା ଦେବୀଙ୍କ ରଥକୁ ଟାଣି ନେଇଥାନ୍ତି। ତେବେ ରଥ ଟାଣୁଥିବା ସମୟରେ ପିଇବା ପାଣି ପାଇଁ ଟିକେ ସମସ୍ୟା ରହୁଛି।

-ସରିତା ମିଶ୍ର, ଭକ୍ତ

### ଆସନ୍ତା ବର୍ଷକୁ ପୁଣି ଅପେକ୍ଷା



ଶ୍ରୀଗୁଣ୍ଡିଚା ପରେ ବାହୁଡା ଯାତ୍ରା ମଧ ସମ୍ପନ୍ନ ହୋଇଛି। ଆଉ ୨ ଦିନ ପରେ ତିନିଠାକୁର ରତ୍ନବେଦିକୁ ଚାଲିଯିବେ। ଘୋଷଯାତ୍ରାର ଏହି ଅନ୍ତିମପର୍ବ ଶେଷ ହୋଇଗଲେ ପୁଣିଥରେ ଆରବର୍ଷକୁ ଅପେକ୍ଷା କରିବାକୁ ପଡ଼ିବ।

-ମଦନମୋହନ ସାହୁ, ହାତୀଶାଳପଡ଼ା

### ଭଲରେ ଦର୍ଶନ ମିଳିଲା



ରଥାରୂଢ଼ ୩ ଠାକୁରଙ୍କ ଦର୍ଶନରେ କିଛି ଅସୁବିଧା ହେଲାନାହିଁ। ହେଲେ ରଥ କିପରି ଟାଣିବୁ ତାହାକୁ ନେଇ ଉତ୍ସୁକତାର ସହ ଚାହିଁ ରହିଥିଲୁ। ଶେଷରେ ସେହି ସମୟ ଉପନୀତ ହେଲା ଆଉ ସମସ୍ତଙ୍କ ସହ ମିଶି ରଥ ଟାଣି ନେଇ ମନ୍ଦିର ସମ୍ମୁଖରେ ପହଞ୍ଚାଇ ଦେଲୁ।

-ସମୀର କୁମାର ପାତ୍ର, ତୁଳସୀପାଳ

### ଆନନ୍ଦ ମନରେ ଟାଣିନେଲୁ



ଅନୁଗୋଳ ରଥଯାତ୍ରାର ଅନୁଭୂତି ବେଶ୍ ନିଆରା। ୩ ରଥ ମଧ୍ୟରୁ ଦେବୀ ସୁଭଦ୍ରାଙ୍କ ରଥ କେବଳ ମହିଳାମାନେ ଟାଣୁଥିବାରୁ ସେହି ସୁଯୋଗ ପାଇଥିବାରୁ ଧନ୍ୟ ମନେ କରୁଛି। ଜନ୍ମବେଦିରୁ ଠାକୁରଙ୍କୁ ରତ୍ନବେଦିକୁ ଆନନ୍ଦ ମନରେ ଫେରାଇପାରିଛୁ।

-ଶୁଭ୍ରା ସୁଚରିତା ସ୍ୱାଇଁ, ବଡକେରା

# ୨୦ ହଜାର ଶ୍ରଦ୍ଧାଳୁ ଟାଣିଲେ ରଥ

ତାଳଚେର, ୨୮।୬ (ମନୋଜ ନନ୍ଦ)

ତାଳଚେରରେ ବାହୁଡ଼ାଯାତ୍ରା ବୁଧବାର ଶାନ୍ତିଶୃଙ୍ଖଳାର ସହ ପାଳିତ ହୋଇଯାଇଛି। ତାଳଚେର ରାଜା ରାଜେନ୍ଦ୍ର ଚନ୍ଦ୍ର ଦେବ ବୀରବର ହରିଚନ୍ଦନ ଛେରା ପହଁରା କାର୍ଯ୍ୟ କରିଥିଲେ। ପରେ ଶ୍ରୀଜୀଉଙ୍କୁ ରଥାରୂଢ଼ କରାଯାଇଥିଲା। ଏହାପରେ ତିନି ଠାକୁର ରଥରେ ବିଜେ ହୋଇ ଶ୍ରୀମନ୍ଦିର ଅଭିମୁଖେ ବାହାରିଥିଲେ। ରଥଟଣା କାର୍ଯ୍ୟ ସନ୍ଧ୍ୟା ୬ଟାରେ ଆରମ୍ଭ ହୋଇ ପ୍ରାୟ ୭ଟା ୫ ମିନିଟ୍‌ରେ ଶେଷ ହୋଇଥିଲା। ହରିବୋଲ, ଘଣ୍ଟ, ବାଦ୍ୟ, ହୁଳହୁଳି ଏବଂ ଜୟ ଜଗନ୍ନାଥ ଧ୍ୱନିରେ ସମଗ୍ର ଅଞ୍ଚଳ ପ୍ରକମ୍ପିତ ହୋଇଥିଲା। ଢେଙ୍କାନାଳ ଏମ୍‌ପି ମହେଶ ସାହୁ ରଥଯାତ୍ରାରେ ଉପସ୍ଥିତ ରହିଥିବାବେଳେ ପ୍ରଶାସନିକ ପଦାଧିକାରୀ, ପୋଲିସ ବାହିନୀ, ବେସାମରିକ ବାହିନୀ, ସ୍ୱେଚ୍ଛାସେବୀ ଅନୁଷ୍ଠାନ, ସୁରକ୍ଷା କର୍ମଚାରୀଗଣ ଏବଂ ତାଳଚେର ରଥଯାତ୍ରା କମିଟିର କାର୍ଯ୍ୟକର୍ତ୍ତା ଓ ସଦସ୍ୟଗଣଙ୍କ ଉପସ୍ଥିତିରେ ରଥଟଣା କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ତାଳଚେର ସମେତ ଆଖପାଖ ଅଞ୍ଚଳରୁ ୨୦ ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ପ୍ରତିଦିନ ସନ୍ଧ୍ୟାରେ ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏଥିରେ ସ୍ଥାନୀୟ ଏବଂ ବିଭିନ୍ନ ଅଞ୍ଚଳର ସାଂସ୍କୃତିକ ଅନୁଷ୍ଠାନ ସେମାନଙ୍କ ଭକ୍ତି ସଙ୍ଗୀତ ପରିବେଷଣ କରିଥିଲେ। ଶାନ୍ତିଶୃଙ୍ଖଳାର ସହ ଯାତ୍ରା ସମାପନ କରିବାକୁ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଥିଲା।



# ଭକ୍ତିମୟ ହେଲା ଜିନ୍ଦଲ ନଗର

ଅନୁଗୋଳ, ୨୮।୬ (ଅମିତ କୁମାର ସାମଲ)

ଅନୁଗୋଳ ଜିଲା ଜିନ୍ଦଲ ନଗରରେ ବାହୁଡ଼ା ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଜିନ୍ଦଲନଗର ଗୁଣ୍ଡିଚା ମନ୍ଦିର ଠାରୁ ୩ ରଥ ବାହାରି ଦେବଭୂମିସ୍ଥିତ ଜଗନ୍ନାଥଙ୍କ ମନ୍ଦିର ସମ୍ମୁଖରେ ପହଞ୍ଚିଥିଲେ। ମନ୍ଦିରର ଆଦ୍ୟ ସେବକ ତଥା ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର (ଜେଏସ୍‌ପି) ଅଧକ୍ଷ ନବୀନ ଜିନ୍ଦଲଙ୍କ ପୂରା ପରିବାର ଏହି ବାହୁଡା ଯାତ୍ରାରେ ଯୋଗଦେବା ସହ ପହଣ୍ଡି ସେବା ଏବଂ ଛେରାପହଁରା ନୀତି ସମ୍ପନ୍ନ କରିଥିଲେ। ନବୀନ ଜିନ୍ଦଲଙ୍କ ମାତା ତଥା ଓପି ଜିନ୍ଦଲ ଗ୍ରୁପ୍ ଚେୟାରପର୍ସନ ସାବିତ୍ରୀ ଜିନ୍ଦଲ, ଜେଏସ୍‌ପି ଫାଉଣ୍ଡେଶନ ଅଧକ୍ଷା ଶାଲୁ ଜିନ୍ଦଲ, ଓସୱାଲ ଗ୍ରୁପ ଅଫ ଇଣ୍ଡଷ୍ଟ୍ରିଜ ଅଧକ୍ଷା ଅରୁଣା ଓସୱାଲ, ଭେଙ୍କଟେଶ ଜିନ୍ଦଲ, ସୁଶ୍ରୀ ଯଶସିନୀ ଜିନ୍ଦଲ ପ୍ରମୁଖ ସାମିଲ ହୋଇଥିଲେ। ନୀତି ଅନୁଯାୟୀ ଭୋର୍ ୫ଟାରୁ ସତନ୍ତ୍ର ପୂଜା ନୀତି କରାଯାଇଥିଲା। ଜେଏସ୍‌ପି ଫାଉଣ୍ଡେଶନ ଅଧକ୍ଷା ଶାଲୁ ଜିନ୍ଦଲ ଏହି ସତନ୍ତ୍ର ପୂଜା ବିଧିରେ ସାମିଲ ହୋଇଥିଲେ। ଏହି ବାହୁଡ଼ା ଯାତ୍ରା ଅବସରରେ ପାର୍ଶ୍ୱବର୍ତ୍ତୀ ଗ୍ରାମାଞ୍ଚଳରୁ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଜେଏସ୍‌ପି ପକ୍ଷରୁ ଫେସ୍‌ବୁକ ଏବଂ ୟୁଟ୍ୟୁବ ଜରିଆରେ ଏହାର ସିଧା ପ୍ରସାରଣ ବ୍ୟବସ୍ଥା କରାଯାଇଥିଲା। ଗୁରୁବାର ରଥ ଉପରେ ଠାକୁରଙ୍କ ସୁନାବେଶ ଓ ଶୁକ୍ରବାର ଅଧରପଣା ନୀତି ସଂପନ୍ନ ହେଲା ପରେ ଶନିବାର ତିନିଠାକୁରଙ୍କ ନୀଳାଦ୍ରି ବିଜେ ନୀତି ଅନୁଷ୍ଠିତ ହେବ।


ରଥ ଉପରେ ପରିବାର ସଦସ୍ୟଙ୍କ ସହ ଜେଏସ୍‌ପି ଅଧକ୍ଷ।

# ଅପରାହ୍ନରେ ଗଡ଼ିଲା ରଥ

ତାଳଚେର, ୨୮।୬ (ମନୋଜ ନନ୍ଦ)

ତାଳଚେର ବ୍ଲକ କଳମଛୁଇଁ ଗ୍ରାମରେ ପବିତ୍ର ବାହୁଡ଼ା ଯାତ୍ରା ପାଳିତ ହୋଇଯାଇଛି। ଅପରାହ୍ନରେ ପାରମ୍ପରିକ ରୀତିନୀତି ଅନୁଯାୟୀ ପୂଜକ ରମେଶ ଚନ୍ଦ୍ର ମହାପାତ୍ର ତିନି ଠାକୁରଙ୍କ ପୂଜାର୍ଚ୍ଚନା କରିଥିଲେ। ଶିକ୍ଷାବିତ୍ ଜଗନ ମୋହନ ଗଡ଼ନାୟକ ଛେରା ପହଁରା କାର୍ଯ୍ୟ କରିଥିଲେ। ଅପରାହ୍ନ ୫ଟା ବେଳେ ରଥଟଣା କାର୍ଯ୍ୟ ଆରମ୍ଭ ହୋଇଥିଲା। ରଥ ଟାଣିବାକୁ ଆଖପାଖ ଅଞ୍ଚଳର ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ସ୍ଥାନୀୟ ପୋଲିସ ପ୍ରଶାସନ ପକ୍ଷରୁ ଆଇନଶୃଙ୍ଖଳା ରକ୍ଷା କରାଯାଇଥିଲା। କାଠି ମହାନ୍ତ ଧାରା ବିବରଣୀ ପ୍ରଦାନ କରିଥିଲେ। ସୋଲଡା, କଳମଛୁଇଁ ଗ୍ରାମର ସଂକୀର୍ତ୍ତନ ଦଳ ନାମ ପରିବେଷଣ କରିଥିଲେ। ରଥଯାତ୍ରା ପରିଚାଳନା କମିଟିର ସମସ୍ତ ସଦସ୍ୟଙ୍କ ସମେତ କଳମଛୁଇଁ ଗ୍ରାମବାସୀ ସହଯୋଗ କରିଥିଲେ।



# ପାଗ ଅନୁକୂଳ, ପ୍ରବଳ ଜନସମାଗମ

ଆଠମଲ୍ଲିକ, ୨୮।୬ (ଉଦୀପ୍ତି ପୁରୋହିତ)

ନବଦିନାତ୍ମକ ଯାତ୍ରା ସାରି ମହାପ୍ରଭୁ ମନ୍ଦିର ଅଭିମୁଖେ ବାହୁଡି ଆସିଛନ୍ତି। ଅପରାହ୍ନରେ ପହଣ୍ଡି କାର୍ଯ୍ୟ ଆରମ୍ଭ ହୋଇଥିବା ବେଳେ ସନ୍ଧ୍ୟା ୬ଟାରେ ରଥଟଣା ଶୁଭାରମ୍ଭ ହୋଇଥିଲା। ରାତି ୭ଟା ୩୦ରେ ଠାକୁରଙ୍କୁ ରଥଖଳାରେ ପହଞ୍ଚାଇ ଦିଆଯାଇଥିଲା। ଗୁରୁବାର ଏକାଦଶୀ ତିଥି ପଡୁଥିବାରୁ ରଥ ଉପରେ ଶ୍ରୀଜୀଉ ସୁନା ବେଶରେ ଭକ୍ତଙ୍କୁ ଦର୍ଶନ ଦେବେ। ଶୁକ୍ରବାର ରତ୍ନବେଦୀକୁ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ନିଆଯିବ ବୋଲି ଆଠମଲ୍ଲିକ ମନ୍ଦିର ପୂଜକ ଚିତ୍ତରଞ୍ଜନ ପାଣିଗ୍ରାହୀ ସୂଚନା ଦେଇଛନ୍ତି। ପାଗ ଅନୁକୂଳ ଥିବାରୁ ବାହୁଡ଼ା ଯାତ୍ରାରେ ପ୍ରବଳ ଜନସମାଗମ ହୋଇଥିଲା। ସକାଳ ୬ଟାରେ ମନ୍ଦିର ଖୋଲାଯାଇ ଯଥାବିଧି ପୂଜା ନୀତି ଅନୁଷ୍ଠିତ ହେଲାପରେ ପୂର୍ବାହ୍ନ ୯ଟାରେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ବାହାରକୁ ଅଣାଯାଇଥିଲା। ପହଣ୍ଡିଆମାନେ ଟାହିଆ ବାନ୍ଧି ଫୁଲ, ଦୂବ, ତୁଳସୀ ପତ୍ରରେ ସୁନ୍ଦର ଭାବରେ ଠାକୁରଙ୍କୁ ସଜାଇଥିଲେ। ଅପରାହ୍ନ ୩ଟାରେ ପହଣ୍ଡି କାର୍ଯ୍ୟ ଆରମ୍ଭ ହୋଇଥିଲା। ତହସିଲଦାର ଯଶୋବନ୍ତ ଦେହୁରୀ କର୍ତ୍ତା ଭାବରେ ଯୋଗଦେଇ ଛେରା ପହଁରା କାର୍ଯ୍ୟ ସମାପନ କରିଥିଲେ। ଦେବୋତ୍ତର ପୁରୋହିତ ପ୍ରଫୁଲ୍ଲ ପାଣିଗ୍ରାହୀ, ମନ୍ଦିର ପୂଜକ ଚିତ୍ତରଞ୍ଜନ ପାଣିଗ୍ରାହୀ ଛେରା ପହଁରାରେ ସହଯୋଗ କରିଥିଲେ। ଏସ୍‌ଡିପିଓ ବାଳକୃଷ୍ଣ କଅଁର, ଆଇଆଇସି ନିରୋଦ କୁମାର ଦାସଙ୍କ ନେତୃତ୍ୱରେ ଆଠମଲ୍ଲିକ ପୋଲିସ ଓ ଲ୍ୟୁଟନାଣ୍ଟ ଶିବାଶିଷ ଦାସଙ୍କ ନେତୃତ୍ୱରେ ଏନସିସି କ୍ୟାଡେଟମାନେ ଶାନ୍ତି ଶୃଙ୍ଖଳା ରକ୍ଷା କରିଥିଲେ।


ରଥାରୂଢ଼ ପାଇଁ ଜଗନ୍ନାଥଙ୍କୁ ପହଣ୍ଡିରେ ଅଣାଯାଉଛି।

# ପୋଡ଼ପିଠା ଖାଇ ବାହୁଡ଼ିଲେ

ବଇଣ୍ଡା, ୨୮।୬ (ପରିକ୍ଷିତ ସାହୁ)

କିଶୋରନଗର ବ୍ଲକର ଗାଁ ବଇଣ୍ଡା, ବିଲେଇନାଳୀ, ଇଚ୍ଛାପୁର, ବାଟିମୁଣ୍ଡା, ସରିଗିପାଲି, ବାମୁର, ଜାମୁଝରି, ଉରୁକୁଳା, ବଇସିଣା, ଆଠମଲ୍ଲିକ ବ୍ଲକର ଠାକୁରଗଡ଼, ପେଡିପଥର, କୃତ୍ତିବାସପୁର ଆଦି ସ୍ଥାନରେ ବୁଧବାର ପବିତ୍ର ବାହୁଡା ଯାତ୍ରା ପାଳିତ ହୋଇଯାଇଛି। ତିନି ଠାକୁର ମାଉସୀ ମା' ମନ୍ଦିରରେ ରହି ପୋଡ଼ ପିଠାଖାଇ ଶେଷରେ ଭକ୍ତଙ୍କ ଗ୍ରହଣରେ ବାହୁଡ଼ିଛନ୍ତି। ବିଧି ଅନୁସାରେ ପହଣ୍ଡି କରାଯାଇ ରଥାରୂଢ଼ କରାଯିବା ପରେ ଛେରାପହଁରା କରାଯାଇଥିଲା। ଏହାପରେ ଭକ୍ତମାନେ ରଥ ଟାଣି ମନ୍ଦିର ପାଖରେ ପହଞ୍ଚାଇ ଦେଇଥିଲେ। ବାହୁଡା ଯାତ୍ରାରେ ନାମ ସଂକୀର୍ତ୍ତନ ସହ ଘଣ୍ଟ ବାଦ୍ୟ ପରିବେଷଣ କରାଯାଇଥିଲା। ପ୍ରଭୁଙ୍କୁ ପାଖରେ ଦେଖି ଭକ୍ତମାନେ ଭାବ ବିହ୍ୱଳ ହୋଇଯାଇଥିଲେ। ସ୍ଥାନୀୟ ପୋଲିସ ପକ୍ଷରୁ ଶାନ୍ତିଶୃଙ୍ଖଳା ରକ୍ଷା କରାଯାଇଥିଲା।


ରଥ ଉପରେ ଦର୍ଶନ ଦେଉଛନ୍ତି ଠାକୁର।

## ସଂକ୍ଷେପରେ

### ନୂତନ ଏସ୍‌ଡିପିଆର୍‌ଓଙ୍କ ଯୋଗଦାନ

**ଢେଙ୍କାନାଳ,୨୮।୬(ରତନ ନାୟାର):** ଢେଙ୍କାନାଳ ସଦର ଉପଖଣ୍ଡରେ ନୂତନ ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଭାବେ ଅଭିଷେକ ବେହେରା ଯୋଗ ଦେଇଛନ୍ତି। ବୁଧବାର ସେ ବିଧିବଦ୍ଧ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହି ଅବସରରେ ଜିଲା ସାମ୍ବାଦିକ ସଂଘ ପକ୍ଷରୁ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ସେହିପରି ଜିଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟର କର୍ମଚାରୀମାନେ ମଧ ତାଙ୍କୁ ସ୍ୱାଗତ କରିଥିଲେ।

### ଡିୱାଇଓର ୫୮ତମ ପ୍ରତିଷ୍ଠା ଦିବସ

**ଅନୁଗୋଳ,୨୮।୬(ଅମିତ କୁମାର ସାମଲ):** ବିପ୍ଳବୀ ଯୁବ ସଙ୍ଗଠନ ଅଲ୍ ଇଣ୍ଡିଆ ଡେମୋକ୍ରାଟିକ ଯୁଥ୍ ଅର୍ଗାନାଇଜେଶନର ୫୮ତମ ପ୍ରତିଷ୍ଠା ଦିବସ ସୋମବାର ଶିକ୍ଷକପଡାସ୍ଥିତ କାର୍ଯ୍ୟାଳୟରେ ପାଳିତ ହୋଇଯାଇଛି। ଜିଲା ସଭାପତି ନିରଞ୍ଜନ ନାୟକଙ୍କ ପରିଚାଳନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପ୍ରାରମ୍ଭରେ ରାଜ୍ୟ ସଭାପତି ମାନସ ପାଲ ଯୋଗଦେଇ ଯୁବ ଆନ୍ଦୋଳନର ଶହୀଦମାନଙ୍କ ଉଦ୍ଦେଶ୍ୟରେ ପୁଷ୍ପଗୁଚ୍ଛ ଅର୍ପଣ କରିଥିଲେ। ସଙ୍ଗଠନର ପ୍ରାଣ ପ୍ରତିଷ୍ଠାତା ଶିବଦାସ ଘୋଷଙ୍କ ଜନ୍ମ ଶତବର୍ଷ ଉପଲକ୍ଷେ ଆସନ୍ତା ୫ ଅଗଷ୍ଟରେ କୋଲକାତା ବ୍ରିଗେଡ ଗ୍ରାଉଣ୍ଡରେ ହେବାକୁ ଥିବା ମହାସମାବେଶରେ ବହୁ ସଂଖ୍ୟାରେ ଯୁବତୀଯୁବକ ଯୋଗଦେବା ପାଇଁ ସଙ୍ଗଠନ ପକ୍ଷରୁ ଅନୁରୋଧ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ କାର୍ଯ୍ୟକର୍ତ୍ତା ନବକିଶୋର ପ୍ରଧାନ, ବିଷ୍ଣୁ ସାହୁଙ୍କ ସମେତ ଭରତ ନାଏକ, ଅନିଲ ନାଏକ ପ୍ରମୁଖ ଉପସ୍ଥିତ ଥିଲେ।



ଢେଙ୍କାନାଳ ବାଜିଚୌକସ୍ଥିତ ଶ୍ରୀଗୁଣ୍ଡିଚା ମନ୍ଦିରରୁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ପହଣ୍ଡିରେ ରଥାରୂଢ଼ ପାଇଁ ଅଣାଯାଉଛି।



ରଥ ଉପରେ ଛେରାପହଁରା ନୀତି ସମ୍ପନ୍ନ କରାଯାଉଛି।

# ବାହୁଡ଼ିଲେ ବାହୁଡ଼ାବ୍ରହ୍ମ



ଢେଙ୍କାନାଳରେ ବାହୁଡ଼ାଯାତ୍ରା।

**ଜନ୍ମବେଦିରେ ସରିଗଲା ଲୀଳାଖେଳା। ନବଦିନାତ୍ମକ ଯାତ୍ରା ସାରି ରତ୍ନବେଦି ଅଭିମୁଖେ ବାହୁଡ଼ି ଆସିଛନ୍ତି ବାହୁଡ଼ାବ୍ରହ୍ମ। ଏଥିପାଇଁ ସକାଳୁ ଆରମ୍ଭ ହୋଇଯାଇଥିଲା ପ୍ରସ୍ତୁତି। ଶ୍ରୀଗୁଣ୍ଡିଚା ମନ୍ଦିର ସମ୍ମୁଖରେ ପ୍ରସ୍ତୁତ ରହିଥିଲା ରଥ। ନିର୍ଦ୍ଧାରିତ ସମୟରେ ମଧ ଶେଷ ହୋଇଥିଲା ନୀତିକାନ୍ତି। ଆଉ ଏହାପରେ ସହସ୍ରାଧିକ ଶ୍ରଦ୍ଧାଳୁ ହାତରେ ଧରିଥିଲେ ରଥ ଦଉଡ଼ି। ଭକ୍ତି ଓ ଭାବର ପରିବେଶ ଆଗରେ ଭୀଷଣ ବର୍ଷା ବି ଫିକା ପଡ଼ିଯାଇଥିଲା।**

**ଢେଙ୍କାନାଳ,୨୮।୬(ରତନ ନାୟାର)**

ଢେଙ୍କାନାଳରେ ପ୍ରସିଦ୍ଧ ବାହୁଡାଯାତ୍ରା ବୁଧବାର ଶୃଙ୍ଖଳାର ସହ ଅନୁଷ୍ଠିତ ହୋଇଯାଇଛି। ମଧ୍ୟାହ୍ନ ୧୨ଟା ୪୦ରେ ବାଜିଚୌକସ୍ଥିତ ଶ୍ରୀଗୁଣ୍ଡିଚା ମନ୍ଦିର ଆଡପ ମଣ୍ଡପରୁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପହଣ୍ଡି ବିଜେ ଆରମ୍ଭ ହୋଇଥିଲା। ପୂଜକ ଓ ସେବକମାନଙ୍କ ଦ୍ୱାରା ଘଣ୍ଟ, ଶଙ୍ଖ ନାଦରେ ଅଞ୍ଚଳ ପ୍ରକମ୍ପିତ ହୋଇଉଠିଥିଲା। ଅପରାହ୍ନ ୧ଟା ୫୦ରେ ଶ୍ରୀଜୀଉ ରଥାରୂଢ଼ ହୋଇଥିଲେ। ୨ଟା ୨ ମିନିଟରେ ପରମ୍ପରା ଅନୁଯାୟୀ ରାଜ ପରିବାର ପକ୍ଷରୁ ଯୁବରାଜ ଅମରଜ୍ୟୋତି ସିଂହଦେଓ ରଥ ଉପରେ ଛେରାପହଁରା କରିଥିଲେ। ଅପରାହ୍ନ ୨ଟା ୪୦ରେ ରଥଟଣା ଆରମ୍ଭ ହୋଇଥିଲା। ସାନ ରଥକୁ ମହିଳାମାନେ ଟାଣିଥିଲେ। ପ୍ରବଳ ବର୍ଷା ସତ୍ତ୍ୱେ ଶ୍ରଦ୍ଧାଳୁମାନେ ଆନନ୍ଦ ଉଲ୍ଲାସର ସହ ରଥ ଟାଣୁଥିବା ଦେଖାଯାଇଥିଲା। ଆନନ୍ଦବଜାର ଠାରେ ବଡରଥ ପଛକୁ ଘୁଞ୍ଚିଥିଲା। ଅପରାହ୍ନ ସାଢେ ୬ଟାରେ ବଡ଼ରଥ ଓ ୬ଟା ୪୦ରେ ସାନରଥ ରଥଗଡାଠାରେ ଲାଗିଥିଲା। ଜିଲାପାଳ ସରୋଜ କୁମାର ସେଠୀ, ଅତିରିକ୍ତ ଜିଲାପାଳ(ସାଧାରଣ) ରମେଶଚନ୍ଦ୍ର ସେଠୀ, ଅତିରିକ୍ତ ଜିଲାପାଳ(ରାଜସ୍ୱ) ଉଦୟ କୁମାର ମହାପାତ୍ର, ଉପଜିଲାପାଳ ତଥା ଜିଲା ଦେବୋତ୍ତର ଅଧିକାରୀ ସ୍ନିଗ୍ଧାରାଣୀ ଧଳ, ଡେପୁଟି କଲେକ୍ଟର ଲକ୍ଷ୍ମୀଧର ରାଉତ, ଅତିରିକ୍ତ ଏସ୍‌ପି ପୁରୁଷୋତ୍ତମ ସେଠୀ ଓ ସୂର୍ଯ୍ୟମଣି ପ୍ରଧାନ ପ୍ରମୁଖ ରଥଟଣା ସମୟରେ ଉପସ୍ଥିତ ଥିଲେ। ଆଇନ ଶୃଙ୍ଖଳା ରକ୍ଷା ପାଇଁ ୨ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଥିଲା। ଚଳିତବର୍ଷ ବାହୁଡା ଯାତ୍ରାରେ ପ୍ରବଳ ଜନ ସମାଗମ ହୋଇଥିଲା।

### ଆଜି ସୁନାବେଶ

ଢେଙ୍କାନାଳ ସହରରେ ଗୁରୁବାର ରଥ ଉପରେ ମହାପ୍ରଭୁଙ୍କ ବଡ ଏକାଦେଶୀ ନୀତି ପାଳନ ହେବ। ଏହାପରେ ସନ୍ଧ୍ୟା ୭ଟାରୁ ରାତି ସାଢେ ୧୧ଟା ପର୍ଯ୍ୟନ୍ତ ଶ୍ରୀଜୀଉ ରଥ ଉପରେ ସୁନା ବେଶରେ ଭକ୍ତଙ୍କୁ ଦର୍ଶନ ଦେବେ। ୨୦୦୫ ମସିହାରୁ ଢେଙ୍କାନାଳରେ ସୁନାବେଶ ଅନୁଷ୍ଠିତ ହେଉଛି। ଏଥିରେ ମହାପ୍ରଭୁଙ୍କ ଠାରେ ପ୍ରାୟ ୪କେଜି ୩୦୦ ଗ୍ରାମର ସୁନା ଅଳଙ୍କାର ଲାଗି ହେଉଛି। ଏଥିନିମନ୍ତେ ରଥ ଚତୁଃପାର୍ଶ୍ୱରେ କଡ଼ା ସୁରକ୍ଷା ବଳୟ କରାଯାଇ ସଶସ୍ତ୍ର ଫୋର୍ସ ମୁତୟନ କରାଯିବ ବୋଲି ଦେବୋତ୍ତର ନିରୀକ୍ଷକ ପ୍ରଦ୍ୟୁମ୍ନ ତ୍ରିପାଠୀଙ୍କ ସୂତ୍ରରୁ ଜଣାପଡିଛି। ଶୁକ୍ରବାର ଅପରାହ୍ନ ସାଢେ ୫ଟାରେ ମହାପ୍ରଭୁଙ୍କ ଅଧରପଣା ଉତ୍ସବ ପରେ ସନ୍ଧ୍ୟା ସାଢେ ୭ଟାରେ ନୀଳାଦ୍ରି ବିଜେ ଅନୁଷ୍ଠିତ ହେବ।

# ବାହୁଡ଼ାଯାତ୍ରା ଭଜନ ସମାରୋହ ଉଦ୍‌ଘାଟିତ

**ଢେଙ୍କାନାଳ,୨୮।୬(ରତନ ନାୟାର)**

ଢେଙ୍କାନାଳ ସହର ଗୋପବନ୍ଧୁ ଟାଉନହଲ ପରିସରରେ ବୁଧବାର ସନ୍ଧ୍ୟାରେ ୪ଦିନ ଧରି ଆୟୋଜିତ ହେବାକୁ ଥିବା ୩୪ତମ ବାହୁଡାଯାତ୍ରା ଭଜନ ସମାରୋହ ଉଦ୍‌ଘାଟିତ ହୋଇଯାଇଛି। ସାମାଜିକ କର୍ମୀ ସୁକାନ୍ତ କୁମାର ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମ୍ପାଦକ ବିଶ୍ୱନାଥ ବେହେରାଙ୍କ ସମେତ ଆଇନଜୀବୀ ଶରତ କୁମାର ସାହୁ, ଶ୍ରୀନିବାସ ଦାସ, ବିନୋଦ ମହାନ୍ତି, ଗଙ୍ଗାଧର ରାଉତ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। କବି ଅଥୟ କୁମାର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ନୃସିଂହ ଚରଣ ବେହେରା ଧନ୍ୟବାଦ ପ୍ରଦାନ କରିଥିଲେ। ସତ୍ୟସ୍ୱରୂପ ଦାସ, ଲକ୍ଷ୍ମୀକାନ୍ତ ସାହୁ, ଅରବିନ୍ଦ ସାହୁ, ବାବୁଲି ଦାସ ପ୍ରମୁଖ ସହଯୋଗ କରିଥିଲେ। ଏହି ଅବସରରେ ସଙ୍ଗୀତ ସାରେଗାମା ଅନୁଷ୍ଠାନ ପକ୍ଷରୁ କଳାକାରମାନେ ଭଜନ ପରିବେଷଣ କରିଥିଲେ। ଗୁରୁବାର ରଥଗଡାଠାରେ ହେବାକୁ ଥିବା ଭଜନ କାର୍ଯ୍ୟକ୍ରମରେ ସୁନାମଧନ୍ୟ କଣ୍ଠଶିଳ୍ପୀମାନେ ଯୋଗ ଦେବାର କାର୍ଯ୍ୟସୂଚୀ ରହିଛି।



୩୪ତମ ବାହୁଡାଯାତ୍ରା ଭଜନ ସମାରୋହ ଉଦ୍‌ଘାଟନ ଅବସରରେ ଅତିଥିମାନେ।

# ସନ୍ଧ୍ୟାରେ ଚକଡ଼ା ଛୁଇଁଲା ୨ ରଥ

**ପରଜଙ୍ଗ,୨୮।୬(ନିଗମାନନ୍ଦ ଦଳବେହେରା)**

ଢେଙ୍କାନାଳ ଜିଲା ପରଜଙ୍ଗରେ ବୁଧବାର ଶାନ୍ତିଶୃଙ୍ଖଳାର ସହ ବାହୁଡାଯାତ୍ରା ଶେଷ ହୋଇଛି। ପରଜଙ୍ଗ ବଜାରରେ ଥିବା ମାଉସୀ ମା' ମନ୍ଦିରରେ ରୀତିନୀତି ସରିବା ପରେ ପହଣ୍ଡିରେ ଠାକୁରଙ୍କୁ ଅଣାଯାଇ ରଥରେ ବିଜେ କରାଯାଇଥିଲା। ଏହାପରେ ରଥଟଣା ଆରମ୍ଭ ହୋଇଥିଲା। ଆଇନଜୀବୀ ଅଶୋକ ଦଳବେହେରା ଛେରା ପହଁରା କରିଥିଲେ। ମହିଳା ସଂକୀର୍ତ୍ତନ ମଣ୍ଡଳୀ, ଗୋପାଳ ଲଉଡି ଖେଳ, ଘୋଡାନାଚ ଆଦି ପ୍ରଦର୍ଶିତ ହୋଇଥିଲା। ଆଖପାଖ ଅଞ୍ଚଳର ସହସ୍ରାଧିକ ଭକ୍ତ ଠାକୁରଙ୍କ ଦର୍ଶନ କରିଥିଲେ। ସନ୍ଧ୍ୟାରେ ପରଜଙ୍ଗ ଗ୍ରାମ ଭିତରେ ଥିବା ମନ୍ଦିରରେ ଦୁଇ ରଥ ଲାଗିଥିଲା। ଗ୍ରାମ କମିଟି ସଭାପତି ଶାନ୍ତନୁ ସାମଲଙ୍କ ନେତୃତ୍ୱରେ ରଥଯାତ୍ରା ଶୃଙ୍ଖଳାର ସହ ଶେଷ ହୋଇଥିଲା। ସେହିପରି ମୁକ୍ତାପଶି, ପାଟରପଦା, ଗୋଳାଗାଡିଆ, ଜହ୍ନାପଡ଼ା, କନ୍ଦରସିଂହା, କନ୍ତୁର ଗ୍ରାମରେ ବାହୁଡ଼ା ଯାତ୍ରା ଶେଷ ହୋଇଛି। ପୋଲିସ ପକ୍ଷରୁ ଆବଶ୍ୟକ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା।



ରଥ ସମ୍ମୁଖରେ ଶ୍ରଦ୍ଧାଳୁଙ୍କ ସହ ସଂକୀର୍ତ୍ତନ ମଣ୍ଡଳୀ।

# ରଥ ସମ୍ମୁଖରେ ଗୋଟିପୁଅ ନୃତ୍ୟ

**ଭୁବନ,୨୮।୬(ବିପିନ ବିହାରୀ ସେଠୀ)**

ଢେଙ୍କାନାଳ ଜିଲା ଭୁବନରେ ବୁଧବାର ଶାନ୍ତି ଶୃଙ୍ଖଳାରେ ବାହୁଡା ଯାତ୍ରା ଶେଷ ହୋଇଛି। ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା ପରେ ରଥାରୂଢ଼ ଠାକୁରଙ୍କ ନିକଟରେ ଛେରାପହଁରା କରାଯାଇଥିଲା। ଏହାପରେ ରଥଟଣା ଆରମ୍ଭ ହୋଇଥିଲା। ପୋଲିସ, ପ୍ରଶାସନ ଓ ମନ୍ଦିର ପରିଚାଳନା କମିଟିର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ରହି ସହଯୋଗ କରିଥିଲେ। ତିନି ରଥ ବଡ଼ହାଟ ମାଉସୀ ମା' ମନ୍ଦିରରୁ ବାହାରି ନୂଆବଜାର ପରେ ଗୁଜୁରିହାଟ ଦେଇ ବଡ଼ଦାଣ୍ଡ ରଥ ଖଳାରେ ପହଞ୍ଚିଥିଲା। ଯାତ୍ରାରେ ଭୁବନ ଅଞ୍ଚଳର ଶତାଧିକ ସଂକୀର୍ତ୍ତନ ମଣ୍ଡଳୀ ଓ କଂସାରୀ ସମ୍ପ୍ରଦାୟର ଲୋକେ ପାରମ୍ପରିକ ଘଣ୍ଟବାଦ୍ୟ ସାଙ୍ଗକୁ ଭଜନ ଓ ଗୋଟିପୁଅ ନୃତ୍ୟ ପରିବେଷଣ କରିଥିଲେ।



ରଥ ଉପରେ ଠାକୁରଙ୍କୁ ଶ୍ରଦ୍ଧାଳୁମାନେ ଦର୍ଶନ କରୁଛନ୍ତି।

# ରଥଯାତ୍ରା ସେବା ଶିବିର

**ଢେଙ୍କାନାଳ,୨୮।୬(ରତନ ନାୟାର)**

ଢେଙ୍କାନାଳ ସହର ବାଜିଚୌକ ଛକ ନିକଟରେ ବାହୁଡା ଯାତ୍ରା ଅବସରରେ ସ୍କାଉଟ୍ସ ଓ ଗାଇଡ୍ସ ଏବଂ ଜୁନିୟର ରେଡ୍‌କ୍ରସ୍‌ର ମିଳିତ ସହଯୋଗରେ ରଥଯାତ୍ରା ସେବା ଶିବିର ବୁଧବାର ଆୟୋଜନ କରାଯାଇଥିଲା। ଢେଙ୍କାନାଳ ଜିଲା ଶିକ୍ଷା ଅଧିକାରୀ ନିବେଦିତା ପାଣି ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିବା ସହିତ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ସେବା ମନୋବୃତି ଜାଗ୍ରତ ହେବା ପାଇଁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ସସ୍ମିତା ସାହୁ, ପୂର୍ବତନ ସ୍କାଉଟ୍ କମିଶନର ଗଗନ ବିହାରୀ ନାୟକ, ଶଶାଙ୍କ ଶେଖର ରଥ, ମିନତୀ ଦେହୁରୀ, ଜୁନିୟର ରେଡ୍‌କ୍ରସର ସାଧନକର୍ମୀ ନରେଶ କୁମାର ମହାରଣା ଓ ପ୍ରଶାନ୍ତ କୁମାର ଧଳ ଯୋଗଦାନ କରିଥିଲେ। ଶାରୀରିକ ଶିକ୍ଷା ନିରୀକ୍ଷକ ତଥା ସ୍କାଉଟ୍ସ ଓ ଗାଇଡ୍ସ ଏବଂ ଜୁନିଅର ରେଡ୍‌କ୍ରସର ସମ୍ପାଦକ ଜ୍ୟୋତି ପ୍ରସାଦ ପରିଡାଙ୍କ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟ ପରିଚାଳିତ ହୋଇଥିଲା। କାର୍ଯ୍ୟକ୍ରମରେ ୬୦ରୁ ଅଧିକ ସ୍କାଉଟ୍ସ ଗାଇଡ୍ସ, ସ୍କାଉଟ୍ସ ମାଷ୍ଟର, ଗାଇଡ୍ସ କ୍ୟାପଟେନ, ଜୁନିୟର୍ସ ଓ ରେଡ୍‌କ୍ରସ୍‌ର ପରାମର୍ଶଦାତା ଯୋଗଦେଇ ଭକ୍ତମାନଙ୍କୁ ଦହିସରବତ ବଣ୍ଟନ କରିବା ସହିତ ଟ୍ରାଫିକ୍ କଣ୍ଟ୍ରୋଲ୍ ଓ ଜଳ ସିଞ୍ଚନ କରିଥିଲେ। ସ୍କାଉଟ୍ସ ସଙ୍ଗଠନ କମିଶନର ବିଜୟ କୁମାର ନନ୍ଦ, ପ୍ରକାଶ ବେହେରା, ପ୍ରତାପ ସାମନ୍ତ, ବିଦୂର ସାମଲ, ଅମୀୟ କୁମାର ଧଳ, ମହେନ୍ଦ୍ର ସାହୁ, ପ୍ରଶାନ୍ତ ସାହୁ, ସୁବ୍ରତ ମିଶ୍ର, ସୌଦାମିନୀ ଦଳେଇ, ଚାରୁଲତା ଦଳେଇ, ଲିପିକା ନାଏକ, କୈଳାସ ଚନ୍ଦ୍ର ପୃଷ୍ଟି, ବିପିନି ବିହାରୀ ଶତପଥୀ, ପ୍ରେମାନନ୍ଦ ସାହୁ ଓ ଗିରିଶ ଚନ୍ଦ୍ର ରାଉତ ପ୍ରମୁଖ ଯୋଗ ଦେଇଥିଲେ। ସ୍କାଉଟ୍ସ କମିଶନର ଇତିଶ୍ କୁମାର ବରାଳ ଧନ୍ୟବାଦ ପ୍ରଦାନ କରିଥିଲେ।



ରେଡ୍‌କ୍ରସ୍ ପକ୍ଷରୁ ରଥଯାତ୍ରା ସେବା ଶିବିରରେ ମଞ୍ଚାସୀନ ଅତିଥି ଓ ଅନ୍ୟମାନେ।

# କଳାକୃତି ଗ୍ରାମରେ ନୌକାବିହାର ଉଦ୍‌ଘାଟିତ



ସଦେଇବେରେଣୀ କଳାକୃତି ଗ୍ରାମରେ ନୌକାବିହାର ବ୍ୟବସ୍ଥାର ଉଦ୍‌ଘାଟନ କରାଯାଉଛି।

**■ବୁଣାକାରଙ୍କ ପାଇଁ ନୂତନ ତନ୍ତର ଶୁଭାରମ୍ଭ**

**■ପର୍ଯ୍ୟଟକଙ୍କୁ ଆକର୍ଷିତ କରିବା ପାଇଁ ପ୍ରୟାସ ଜାରି**

**ଢେଙ୍କାନାଳ,୨୮।୬(ରତନ ନାୟାର)**

ଢେଙ୍କାନାଳ ଜିଲା ସଦର ବ୍ଲକର ସବୁଜିମାମୟ ସପ୍ତଶଯ୍ୟା ପର୍ଯ୍ୟଟନ ପାଇଁ ବେଶ୍ ପ୍ରସିଦ୍ଧି ଅର୍ଜନ କରିଛି। ଏହି ସପ୍ତଶଯ୍ୟା ପଞ୍ଚାୟତର ସଦେଇବେରେଣୀ-ନବଜୀବନପୁରଠାରେ ରହିଛି ଡୋକ୍ରା ହସ୍ତଶିଳ୍ପ। ସ୍ଥାନୀୟ ଡୋକ୍ରା କାରିଗରଙ୍କୁ ପ୍ରୋତ୍ସାହନ ଏବଂ ସେମାନଙ୍କ ଦ୍ୱାରା ପ୍ରସ୍ତୁତ ହସ୍ତଶିଳ୍ପର ଚାହିଦା ବୃଦ୍ଧି କରିବା ନିମନ୍ତେ ୨୦୧୬-୧୭ ମସିହାରେ ୫ କୋଟି ଟଙ୍କା ବ୍ୟୟରେ ଏଠାରେ କଳାକୃତି ଗ୍ରାମ ନିର୍ମାଣ କରାଯାଇଥିଲା। ହେଲେ କୌଣସି କାର୍ଯ୍ୟକ୍ରମ ନ ହେବାରୁ ଏହା ପରିତ୍ୟକ୍ତ ଅବସ୍ଥାକୁ ଆସିଯାଇଥିଲା। ତେବେ ଢେଙ୍କାନାଳ ଜିଲାପାଳଙ୍କ ପ୍ରୟାସରେ ଏହି କଳାକୃତି ଗ୍ରାମ ପର୍ଯ୍ୟଟନ ଫର୍ଦ୍ଦରେ ଯୋଡିହୋଇ ଏକ ନୂଆରୂପ ନେଇଛି। ସ୍ୱୟଂ ସହାୟକ ଗୋଷ୍ଠୀ ଓ ମିଶନ ଶକ୍ତିର ସଦସ୍ୟମାନଙ୍କ ଦ୍ୱାରା ପ୍ରସ୍ତୁତ ସାମଗ୍ରୀର ପ୍ରଦର୍ଶନୀ ସହ ବିକ୍ରୟ ପାଇଁ ଏଠାରେ ଷ୍ଟଲମାନ ଖୋଲାଯାଇଛି। ସେହିପରି ସପ୍ତଶଯ୍ୟା, କପିଳାସ ଓ ଯୋରନ୍ଦା ଆସୁଥିବା ପର୍ଯ୍ୟଟକମାନଙ୍କୁ ଏଠାକୁ ଆକର୍ଷିତ କରିବା ପାଇଁ ଏହି କଳାକୃତି ଗ୍ରାମ ପରିସରରେ ବୁଧବାର ନୌକାବିହାର ଉଦ୍‌ଘାଟିତ ହୋଇଛି।

ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜିଲାପାଳ ସରୋଜ କୁମାର ସେଠୀ ନୌକାବିହାରର ଉଦ୍‌ଘାଟନ କରିଥିଲେ। ଜିଲାପାଳ ଏବଂ ଜିଲା ବନଖଣ୍ଡ ଅଧିକାରୀ ସୁମିତ କୁମାର କର ପ୍ରଥମେ ନୌକା ବିହାର କରିଥିଲେ। ନୌକାବିହାର ପାଇଁ ଏଠାରେ ୪ଟି ବୋଟ୍ ରଖାଯାଇଛି। ସେହିପରି ସଦର ବ୍ଲକ ସରାଗପାଟଣା ଏବଂ ସ୍ଥାନୀୟ ଅଞ୍ଚଳର ବୁଣାକାରମାନଙ୍କୁ ପ୍ରୋତ୍ସାହିତ କରିବା ଏବଂ ପ୍ରସ୍ତୁତ ସାମଗ୍ରୀର ଚାହିଦା ବୃଦ୍ଧି ନିମନ୍ତେ କଳାକୃତି ଗ୍ରାମରେ ଏକ ନୂତନ ହସ୍ତତନ୍ତକୁ ଜିଲାପାଳ ଉଦ୍‌ଘାଟନ କରିଥିଲେ। ଏହାଛଡା ପର୍ଯ୍ୟଟକଙ୍କ ଆମୋଦ ପ୍ରମୋଦ ପାଇଁ ଏକ ଶିଶୁ ଉଦ୍ୟାନ ନିର୍ମାଣ କରାଯାଇଛି। ବତକ, ଠେକୁଆମାନଙ୍କୁ ରଖାଯାଇଥିବା ବେଳେ ଘୋଡ଼ା ସବାରୀର ବ୍ୟବସ୍ଥା କରାଯାଉଛି। ବାୟୋଫ୍ଲକ ମାଛ ଚାଷ ମଧ କରାଯାଉଛି। ଏହି ଅବସରରେ ଜିଲାପାଳ କହିଲେ ଯେ, ରାଜ୍ୟ ପର୍ଯ୍ୟଟନ ମାନଚିତ୍ରରେ ଢେଙ୍କାନାଳ ଜିଲାର ସ୍ୱତନ୍ତ୍ରତା ବୃଦ୍ଧି କରିବା ସହିତ ରାଜସ୍ୱ ବୃଦ୍ଧି ନିମନ୍ତେ ଏହା ସହାୟକ ହେବ। ଢେଙ୍କାନାଳ ଜିଲାର ସ୍ୱର୍ଣ୍ଣ ତ୍ରିଭୁଜ କୁହାଯାଉଥିବା କପିଳାସ, ସପ୍ତଶଯ୍ୟା ଓ ଯୋରନ୍ଦାକୁ ଆସୁଥିବା ପର୍ଯ୍ୟଟକମାନଙ୍କୁ ଏଠାକୁ ଆକର୍ଷିତ କରିବା ନିମନ୍ତେ ଆଗକୁ ବିଭିନ୍ନ ପ୍ରକଳ୍ପ କଳାକୃତି ଗ୍ରାମରେ ନିର୍ମାଣ କରାଯିବ। ଖୁବ୍‌ଶୀଘ୍ର ସ୍କୁଲ, କଲେଜ, ଏନ୍‌ସିସି ଛାତ୍ରୀଛାତ୍ର କିମ୍ବା ଘୋଡ଼ା ଚଢିବା ପାଇଁ ସଉକଥିବା ଲୋକମାନଙ୍କ ନିମନ୍ତେ ଏଠି ଘୋଡ଼ା ଚଢ଼ା ପ୍ରଶିକ୍ଷଣ ଦିଆଯିବ। ସଦର ବ୍ଲକ ବିଡିଓ ସୁଧୀର କୁମାର ନାୟକଙ୍କ ପରିଚାଳନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ(ସାଧାରଣ) ରମେଶଚନ୍ଦ୍ର ସେଠୀ, ଅତିରିକ୍ତ ଜିଲାପାଳ(ରାଜସ୍ୱ) ଉଦୟ କୁମାର ମହାପାତ୍ର, ଅତିରିକ୍ତ ଏସ୍‌ପି ସୂର୍ଯ୍ୟମଣି ପ୍ରଧାନ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଅଶୋକ କୁମାର ଦାଶ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଜ୍ୟୋତି ଶଙ୍କର ସାହୁ, ଉପଜିଲାପାଳ ସ୍ନିଗ୍ଧାରାଣୀ ଧଳ, ଜିଲା ପରିଷଦ ଅତିରିକ୍ତ ନିର୍ବାହୀ ଅଧିକାରୀ ସରୋଜ କୁମାର ଦତ୍ତ, ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ସୁରେନ୍ଦ୍ର କୁମାର ବେହେରା, ଜିଲା ଉଦ୍ୟାନ କୃଷି ଉପନିର୍ଦ୍ଦେଶକ ଗୀତାଶ୍ରୀ ପାଢୀ, ଜିଲା ସାମ୍ବାଦିକ ସଂଘ ସମ୍ପାଦକ ସତ୍ୟସ୍ୱରୂପ ଦାସଙ୍କ ସମେତ ଅନ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।



ଉଦ୍‌ଘାଟନ ପରେ ପର୍ଯ୍ୟଟକମାନେ ନୌକାବିହାର କରୁଛନ୍ତି।

## ସଂକ୍ଷେପରେ

### ପାଲଲହଡ଼ାର ବିକାଶ କରିଛନ୍ତି ଏମ୍‌ପି, ବିଧାୟକ

**କଣିହାଁ,୨୮।୬(ସଚ୍ଚିଦାନନ୍ଦ ପ୍ରଧାନ):** ପାଲଲହଡ଼ା ନିର୍ବାଚନମଣ୍ଡଳୀର ବହୁ ବିକାଶ କରିଛନ୍ତି ଏମ୍‌ପି ମହେଶ ସାହୁ ଓ ବିଧାୟକ ମୁକେଶ କୁମାର ପାଲ। ହେଲେ ଏମ୍‌ପି ଓ ବିଧାୟକଙ୍କ ମଧ୍ୟରେ ଥିବା ଏହି ସୁ-ସମ୍ପର୍କ ଭାଜପା ନେତାଙ୍କ ଦେହରେ ଯାଉନାହିଁ। କଣିହାଁ ବ୍ଲକ ସମଲଠାରେ ପାଲଲହଡା ନିର୍ବାଚନମଣ୍ଡଳୀ ବିଜୁ ଯୁବ ଜନତା ଦଳ ପକ୍ଷରୁ ବୁଧବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଏହା କୁହାଯାଇଛି। ଖବରଦାତା ସମ୍ମିଳନୀରେ ଉପସ୍ଥିତ ପାଲଲହଡ଼ା ନିର୍ବାଚନ ମଣ୍ଡଳୀ ବିଜେଡି ସଭାପତି ସୁବାସ ମହାନ୍ତି, କଣିହାଁ ବ୍ଲକ ସଭାପତି ଗଗନ ରାଉତ, ପାଲଲହଡା ବ୍ଲକ ସଭାପତି ପ୍ରଶାନ୍ତ ସାମଲ କହିଛନ୍ତି, ୨ଦିନ ତଳେ ଏମ୍‌ପି ମହେଶ ସାହୁଙ୍କ ବିରୋଧରେ ଭାଜପା ନେତା ରୁଦ୍ର ନାରାୟଣ ପାଣି ଯେଉଁ ମନ୍ତବ୍ୟ ଦେଇଥିଲେ ତାହାକୁ ଦଳ ଖଣ୍ଡନ କରୁଛି। ଭାଜପା ନେତା ପାଣି ଗତ ସାଧାରଣ ନିର୍ବାଚନରେ ମହେଶ ସାହୁଙ୍କଠାରୁ ପରାଜିତ ହୋଇଥିଲେ। ସେ ମହେଶଙ୍କ ବିଷୟରେ ଯାହା ମନ୍ତବ୍ୟ ଦେଇଛନ୍ତି ତାହା ଭିତ୍ତିହୀନ। ମହେଶ ଦଳର ଜଣେ ବରିଷ୍ଠ ନେତା। ସେ ସବୁବେଳେ ଲୋକଙ୍କ ସହିତ ଜଡିତ ଅଛନ୍ତି। କିନ୍ତୁ ଭାଜପା ନେତା ପାଣି ଭୟଭୀତ ହୋଇ ଏପରି ବାଚାଳାମି କରି ଚାଲିଛନ୍ତି ବୋଲି ବିଜେଡି ନେତାମାନେ ଖବରଦାତା ସମ୍ମିଳନୀରେ ପ୍ରକାଶ କରିଛନ୍ତି।

# ମୃତଦେହ ରଖି ରାସ୍ତା ଅବରୋଧ

- ହାତୀ ଆକ୍ରମଣରେ ଯାଇଥିଲା ଯୁବକଙ୍କ ଜୀବନ
- ହାତୀଙ୍କୁ ତଡ଼ିବା ସହ ସୁରକ୍ଷା ଦାବିରେ ଆନ୍ଦୋଳନ

**ଢେଙ୍କାନାଳ,୨୮।୬(ରତନ ନାୟାର)**

ଢେଙ୍କାନାଳ ଜିଲାରେ ହାତୀ ଉପଦ୍ରବ ଦିନକୁ ଦିନ ଜଟିଳ ରୂପ ଧାରଣା କରିବାରେ ଲାଗିଛି। ବିଶେଷକରି ଜିଲାରେ ଗୋଠଛଡ଼ା ଦନ୍ତା ହାତୀକୁ ନେଇ ଭୟଙ୍କର ପରିସ୍ଥିତି ସୃଷ୍ଟି ହେଉଛି। ଗତ ୪୦ ଦିନ ମଧ୍ୟରେ ଜିଲାରେ ୧୫ଜଣଙ୍କ ଜୀବନ ନେଇଛି ହାତୀ। ମଙ୍ଗଳବାର ରାତି ୯ଟାରେ ସଦର ଥାନା ଲମ୍ବୋଦରପୁର ଗ୍ରାମର କଳାବତୀ ବିଶ୍ୱାଳଙ୍କୁ ହାତୀ ଆକ୍ରମଣ ଉଦ୍ୟମ କରିବା ବେଳେ ମା'ଙ୍କୁ ବଞ୍ଚାଇବାକୁ ଯାଇ ପୁଅ ସୂର୍ଯ୍ୟମଣିଙ୍କ ଜୀବନ ଯାଇଥିଲା। ଦନ୍ତାହାତୀ ତାଙ୍କୁ ଦଳି ଦେବାରୁ ସୂର୍ଯ୍ୟମଣିଙ୍କ ମୃତ୍ୟୁ ହୋଇଥିଲା। ଦୀର୍ଘଦିନ ଧରି ଏହି ଅଞ୍ଚଳରେ ହାତୀ ଉପଦ୍ରବ ଲାଗି ରହିଥିବାରୁ ଏହାର ପ୍ରତିକାର ଦାବି କରି ଅଞ୍ଚଳବାସୀ ବୁଧବାର ଅପରାହ୍ନ ସାଢେ ୧ଟାରେ


ମୃତଦେହ ରଖି ଉତ୍ତ୍ୟକ୍ତ ଲୋକେ ରାସ୍ତାରୋକୋ କରିଛନ୍ତି।

ମୃତଦେହ ରଖି ଢେଙ୍କାନାଳ-ଭାପୁର ରାସ୍ତାକୁ ଅବରୋଧ କରିଥିଲେ। ଫଳରେ ରାସ୍ତାର ଉଭୟ ପାର୍ଶ୍ୱରେ ବହୁ ସଂଖ୍ୟାରେ ଯାନବାହାନ ଅଟକି ରହିଥିଲା।

ଗ୍ରାମର ମୋହିନୀ ମୋହନ କର ଓ ବିଜୟ କୁମାର ସାହୁ ଅଭିଯୋଗ କରିଛନ୍ତି ଯେ, ଗ୍ରାମ ନକଟରେ ହାତୀପଲ ଥିବାରୁ ଗାଁ ରାସ୍ତାରେ ଯାଇ ହେଉନି। ଏପରି କି ଶୌଚ କି ସ୍ନାନ ଆଦି ପାଇଁ ମଧ ଲୋକେ ଯାଇପାରୁ ନାହନ୍ତି। ଘରୁ ବାହାରିଲେ ହାତୀ ଆକ୍ରମଣ ଭୟ ରହୁଛି। ତେଣୁ ତୁରନ୍ତ ହାତୀ ପଲଙ୍କୁ ଏଠାରୁ ଘଉଡ଼ାଇବା, ଗ୍ରାମବାସୀଙ୍କୁ ସୁରକ୍ଷା ପ୍ରଦାନ ସହ ମୃତକଙ୍କ ପରିବାରକୁ କ୍ଷତିପୂରଣ ପ୍ରଦାନ ପାଇଁ ଦାବି କରାଯାଇଥିଲା। ଖବରପାଇ ସଦର ତହସିଲଦାର ସୁଧାଂଶୁ ଶେଖର ସାଓ, ସଦର ଥାନା ଅଧିକାରୀ ପ୍ରଦୀପ କୁମାର ପ୍ରଧାନ, ସହକାରୀ ବନ ସଂରକ୍ଷକ ସୁବ୍ରତ କୁମାର ପାତ୍ର ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକମାନଙ୍କୁ ବୁଝାଶୁଝା କରିଥିଲେ। ହାତୀମାନଙ୍କୁ ଉକ୍ତ ଅଞ୍ଚଳରୁ ଘଉଡାଇବା ପାଇଁ ବନବିଭାଗ ପକ୍ଷରୁ ୨୪ ଘଣ୍ଟିଆ ପାଟ୍ରୋଲିଂ ଜାରି ରହିବ। ମୃତକଙ୍କ ପରିବାରକୁ ବନବିଭାଗ ପକ୍ଷରୁ ତୁରନ୍ତ ୬ଲକ୍ଷ ଟଙ୍କା ସହାୟତା ପ୍ରଦାନ କରାଯିବ ବୋଲି ବିଭାଗୀୟ ଅଧିକାରୀମାନେ କହିଥିଲେ। ସେହିପରି ରେଡ଼କ୍ରସ୍ ପକ୍ଷରୁ ୧୦ ହଜାର ଟଙ୍କା ସହାୟତା ପ୍ରଦାନ କରାଯାଇଥିବା ତହସିଲଦାର ସୂଚନା ଦେଇଛନ୍ତି। ଏହାପରେ ରାସ୍ତାରୋକୋ ହଟିଥିଲା।

## ପୁରୁଣାକୋଟରେ ଜନସମ୍ପର୍କ ଅଭିଯାନ

**ଅନୁଗୋଳ,୨୮।୬(ଅମିତ କୁମାର ସାମଲ)**

ଅନୁଗୋଳ ଜିଲା ପୁରୁଣାକୋଟ ଗ୍ରାମରେ ଭାଜପାର ଜନ ସମ୍ପର୍କ ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ନେତା ରୁଦ୍ର ନାରାୟଣ ପାଣି, ରାଜ୍ୟ ସମ୍ପାଦକ କାଳନ୍ଦୀ ସାମଲ ଏହି ଅଭିଯାନରେ ସାମିଲ ହୋଇ ଘର ଘର ବୁଲି କେନ୍ଦ୍ର ସରକାରଙ୍କ ସେବା ସୁଶାସନ ଗରିବ କଲ୍ୟାଣର ୯ ବର୍ଷ ପୂର୍ତ୍ତି ସମ୍ପର୍କରେ ପ୍ରଚାରପତ୍ର ବଣ୍ଟନ କରିଥିଲେ। କେନ୍ଦ୍ର ସରକାର ଅନୁଗୋଳ ଜିଲା ପାଇଁ ୯ ବର୍ଷରେ ୬୦ ହଜାର କୋଟି ଟଙ୍କା ଦେଇଥିବାବେଳେ ରାଜ୍ୟ ସରକାର ଟଙ୍କାଟିଏ ସ୍ୱତନ୍ତ୍ର ଭାବେ ଅନୁଦାନ ଦେଇନାହାନ୍ତି ବୋଲି ଉପସ୍ଥିତ ଜନସାଧାରଣଙ୍କୁ ଅବଗତ କରାଇଥିଲେ। ଏହି କାର୍ଯ୍ୟକ୍ରମରେ ଜିଲା ମିଡିଆ ସେଲ୍ ଅଧ୍ୟକ୍ଷ ପର୍ଶୁରାମ ବାରିକ, ଜିଲା ସମ୍ପାଦକ ପ୍ରଶାନ୍ତ ନନ୍ଦ, ରାଜ୍ୟ ଯୁବମୋର୍ଚ୍ଚା ସଂଯୋଜକ ଚନ୍ଦ୍ରକାନ୍ତ ଧଳ, ଯୁବନେତା ଇତନୁ ଭୁକ୍ତା, ପ୍ରାକ୍ତନ ସରପଞ୍ଚ ଅନନ୍ତ ବାସୁଦେବ ମହାନ୍ତି, ବସନ୍ତ ରାଉତ, ପ୍ରଫୁଲ୍ଲ ବିଶୋଇ, ମଧୁସୂଦନ ବିଶୋଇ, କୁମୁଦ ଦାସ, ସଞ୍ଜୟ ଖିଲାର, ନିରାକାର ଖିଲାରଙ୍କ ସମେତ ବହୁ କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ।


ଭାଜପାର ଜନସମ୍ପର୍କ ଅଭିଯାନ।

## ୩ ଶିଶୁ ଶ୍ରମିକ ଉଦ୍ଧାର

**ବଇଣ୍ଡା,୨୮।୬(ପରିକ୍ଷିତ ସାହୁ)**

କିଶୋରନଗର ବ୍ଲକ ନୁନୁକାପଶି ଅଞ୍ଚଳରେ ଅନୁଗୋଳ ଜିଲା ଶ୍ରମ ବିଭାଗ, ଚାଇଲ୍ଡ ଲାଇନ, ବିଶ୍ୱ ଯୁବକେନ୍ଦ୍ରର ଆକ୍ସେସ ଟୁ ଜଷ୍ଟିସ, ସ୍ଥାନୀୟ ପୋଲିସ ପକ୍ଷରୁ ଚଢ଼ାଉ କରାଯାଇ ୩ ଶିଶୁ ଶ୍ରମିକଙ୍କୁ ଉଦ୍ଧାର କରାଯାଇଛି। ବୁଧବାର ଆନନ୍ଦମୁଣ୍ଡା, ବଇଣ୍ଡା ଠାରେ ଏକ ଗୃହ କାମ ଚାଲୁଥିବା ବେଳେ ୩ ଜଣ ଶିଶୁ ଶ୍ରମିକ ସେଠାରେ କାମ କରୁଥିବା ଦେଖାଯାଇଥିଲା। ସେମାନଙ୍କ ବୟସ ଯାଞ୍ଚ କରିବା ପରେ ସମ୍ପୃକ୍ତ କିଶୋର ଶ୍ରମିକଙ୍କୁ ଉଦ୍ଧର କରାଯାଇଥିଲା। ପରେ ସେମାନଙ୍କୁ ଶିଶୁ କଲ୍ୟାଣ ସମିତି ଅନୁଗୋଳଙ୍କୁ ହସ୍ତାନ୍ତର କରାଯାଇଛି। ଜିଲା ଶ୍ରମ ବିଭାଗରୁ ଦୀପ୍ତିମୟୀ ରାଉଳ, ଚାଇଲ୍ଡ ଲାଇନ ଅନୁଗୋଳ ଜିଲା ସଂଯୋଜକ ପୂଜା ସ୍ୱାଇଁ, ଆକ୍ସେସ ଟୁ ଜଷ୍ଟିସରୁ ବିଶ୍ୱଜିତ ଦାଶ ଓ ଜ୍ୟୋସ୍ନିତା ପ୍ରଧାନ ପ୍ରମୁଖ ଏହି ଚଢ଼ାଉ କରିଥିଲେ।


ପ୍ରଶାସନ ପକ୍ଷରୁ ଶିଶୁ ଶ୍ରମିକମାନଙ୍କୁ ଉଦ୍ଧାର କରାଯାଉଛି।

## ୬୧ ୟୁନିଟ୍ ରକ୍ତ ସଂଗ୍ରହ

**ଅନୁଗୋଳ,୨୮।୬ (ଅମିତ କୁମାର ସାମଲ)**

ଓଡ଼ିଶା ସରକାରଙ୍କ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ (ବସୁଧା)ର ଉପଦେଷ୍ଟା ତଥା ବିଜୁ ଯୁବ ଜନତା ଦଳର ଅନୁଗୋଳ ଜିଲା ସଭାପତି ଦିନେଶ ପ୍ରଧାନଙ୍କ ନେତୃତ୍ୱରେ ବୁଧବାର ବିଜୁ ଯୁବ ଜନତା ଦଳ ତରଫରୁ ବନ୍ତଲାଠାରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ୬୧ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ବିଜୁ ଯୁବ ଜନତା ଦଳ ଓ ଓଡ଼ିଶା ମୋ ପରିବାର ଆନୁକୂଲ୍ୟରେ ଏହା ଆୟୋଜିତ ହୋଇଥିଲା। ବିଜୁ ଯୁବ ଜନତା ଦଳର ଜିଲା ଉପ ସଭାପତି କିଶୋର କୁମାର ସାହୁ ଓ ଜିଲା ଡିଜିଟାଲ ସମ୍ପାଦକ ଚିନ୍ମୟ ପ୍ରସାଦ ସାହୁଙ୍କ ତତ୍ତ୍ୱାବଧାନରେ ଶିବିର ପରିଚାଳନା କରାଯାଇଥିଲା। ବରିଷ୍ଠ ବିଜେଡି ନେତା ମାର୍କଣ୍ଡ ସାହୁ, ଜିଲା ସାଧାରଣ ସମ୍ପାଦକ ସଞ୍ଜୀବ ସାହୁ, ଜିଲା ସମ୍ପାଦକ ପ୍ରଦ୍ୟୁମ୍ନ କୁମାର ପ୍ରଧାନ ଓ ଅମିତ କୁମାର ଦାସ, ଯୁବ ବିଜେଡି ନେତା ଚଉବନ ସାହୁ, ଗଣେଶ୍ୱର ସାହୁ, ପ୍ରତାପ ଦାସ, ଜିତେନ୍ଦ୍ର ସାହୁ, ଟୁକୁନା ପ୍ରଧାନ, ଶ୍ରୀକାନ୍ତ ସାହୁ ଓ ଆଶିଷ ପ୍ରଧାନ ପରିଚାଳନା କରିଥିଲେ।


ଶିବିରରେ ରକ୍ତ ସଂଗ୍ରହ କରାଯାଉଛି।

## ମନ୍ଦିରକୁ ଫେରିଲେ ମହାବାହୁ

**କଣିହାଁ,୨୮।୬(ସଚ୍ଚିଦାନନ୍ଦ ପ୍ରଧାନ)**

କଣିହାଁ ବ୍ଲକ ବଡଗୁଣ୍ଡୁରୀ, ସମଲ, ପଥରମୁଣ୍ଡା, ସିପୁର, ରେଙ୍ଗାଲି, ବଜ୍ରକୋଟ ଏନ୍‌ଟିପିସି ପ୍ରକଳ୍ପ ସହିତ ଅନ୍ୟାନ୍ୟ ଗ୍ରାମରେ ବାହୁଡାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ମାଉସୀ ଘରେ ଥିବା ମହାବାହୁ, ବଡ଼ଭାଇ ବଳଦେବଙ୍କ ସହିତ ଭଉଣୀ ସୁଭଦ୍ରାଙ୍କୁ ନେଇ ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଏହାକୁ ନେଇ ମନ୍ଦିରସ୍ଥଳ ଉତ୍ସବ ମୁଖର ହୋଇଛି। ବିଭିନ୍ନ ସ୍ଥାନରେ ନାମସଂକୀର୍ତ୍ତନ ସହିତ ପ୍ରସାଦସେବନ ବ୍ୟବସ୍ଥା ଆୟୋଜନ କରାଯାଇଥିଲା। ଏହି ବାହୁଡାଯାତ୍ରା ଅବସରରେ ରଥଟଣାକୁ ନେଇ ଗ୍ରାମବାସୀ, ସ୍ୱେଚ୍ଛାସେବୀ କମିଟି ଓ ପୋଲିସ ଶାନ୍ତିଶୃଙ୍ଖଳା ରକ୍ଷା କାର୍ଯ୍ୟରେ ନିୟୋଜିତ ରହିଥିଲେ।


କଣିହାଁ ଅଞ୍ଚଳରେ ବାହୁଡ଼ା ଯାତ୍ରା।

## ରାଜ୍ୟ ଆଥ୍‌ଲେଟିକ୍ସରେ ବିଷ୍ଣୁପ୍ରିୟାଙ୍କୁ ରୌପ୍ୟ

**କଣିହାଁ,୨୮।୬(ସଚ୍ଚିଦାନନ୍ଦ ପ୍ରଧାନ)**

ଭୁବନେଶ୍ୱରର କିଟ୍ ଓ କିସ୍ ଶିକ୍ଷାନୁଷ୍ଠାନ ପରିସରରେ ଥିବା ଦୂତୀ ଚାନ୍ଦ ଆଥ୍‌ଲେଟିକ୍ ଷ୍ଟାଡିୟମରେ ଚାଲିଥିବା ୬୯ତମ ଓଡ଼ିଶା ରାଜ୍ୟ ଆଥ୍‌ଲେଟିକ୍ସ ମିଟ୍ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ୨୦ ବର୍ଷରୁ କମ୍ ବର୍ଗରେ କଣିହାଁ ବ୍ଲକସ୍ଥିତ ଏନ୍‌ଟିପିସି ପ୍ରକଳ୍ପ କର୍ମଚାରୀ ପି.କେ. ସେଠୀଙ୍କ ଝିଅ ବିଷ୍ଣୁପ୍ରିୟା ସେଠୀ ୧୦୦ ଓ ୨୦୦ମିଟର ପ୍ରତିଯୋଗିତାରେ ଅଂଶଗ୍ରହଣ କରି ରାଜ୍ୟସ୍ତରରେ ଦ୍ୱିତୀୟ ସ୍ଥାନ ଅଧିକାର କରି ରୌପ୍ୟ ପଦକ ପାଇଛନ୍ତି। ଏହି ସଫଳତାକୁ ନେଇ କଣିହାଁ ଅଞ୍ଚଳ ସହିତ ଏନ୍‌ଟିପିସି ପ୍ରକଳ୍ପର ବହୁ କର୍ମଚାରୀ ଶୁଭେଚ୍ଛା ଜଣାଇଛନ୍ତି।

ସୂଚନାଯୋଗ୍ୟ, ବିଷ୍ଣୁପ୍ରିୟା ଦଶମ ପର୍ଯ୍ୟନ୍ତ ପ୍ରକଳ୍ପ ଅଧିନ ବିଦ୍ୟାଳୟରେ ପାଠ ପଢିଥିଲେ। ମାଟ୍ରିକ୍ ପାସ ପରେ କିଟ୍ ୟୁନିଭରସିଟିରେ ପାଠ ପଢ଼ା



ଜାରି ରଖିଛନ୍ତି। ତାଙ୍କ ପ୍ରକୃତ ଗ୍ରାମ କେନ୍ଦ୍ରାପଡ଼ା ଜିଲା ପାଖଡ ଗ୍ରାମରେ। ଏ ନେଇ ବିଷ୍ଣୁପ୍ରିୟା କହିଛନ୍ତି, ପାଠ ସହିତ ଆଥ୍‌ଲେଟିକକୁ ଗୁରୁତ୍ୱ ଦେଉଛି। ଆଗକୁ ନୂତନ ଦୌଡ଼ ରାଣୀ ହୋଇ ରାଜ୍ୟ ଓ ଦେଶ ପାଇଁ ନୂଆ ରେକର୍ଡ କରିବାର ଅଭିଳାଷ ରହିଛି।

## ମନ୍ତ୍ରମୁଗ୍ଧ କଲା ଶୈଳଭାମାଙ୍କ କଣ୍ଠ ସଙ୍ଗୀତ

**ଆଠମଲ୍ଲିକ,୨୮।୬(ଉଦୀପ୍ତ ପୁରୋହିତ)**

ଆଠମଲ୍ଲିକ ମାଳିସାହିସ୍ଥିତ ଗୁଣ୍ଡିଚା ମନ୍ଦିର ପରିସରରେ ଚାଲିଥିବା ଭଜନ ସନ୍ଧ୍ୟା ଏକ ଭକ୍ତିମୟ ପରିବେଶ ସୃଷ୍ଟି କରିଛି। ସଲମାନ କ୍ରିଏଶନ ଦ୍ୱାରା ଆୟୋଜିତ ଏହି ଭଜନ ସମାରୋହରେ ମଙ୍ଗଳବାର ସୁନାମଧନ୍ୟ କଣ୍ଠଶିଳ୍ପୀ ଶୈଳଭାମା ମହାପାତ୍ରଙ୍କ କଣ୍ଠରୁ ଝରି ପଡ଼ିଥିବା 'କିଏ ବସିଛି ଲୋ କଳ୍ପବଟ ମୂଳେ, କାଳିଆରେ ତୋତେ ଚାହିଁଦେଲେ ପଦୁଅଁ ଫୁଟେ, ନୁପୁର ମୋ ବଜେ ରୁଣୁଝୁଣୁ, ଆଖି ଖୋଲି ଦେଖୁଛେ ମୋତେ ମା ସମଲେଇ, କଳା କୋଇଲିର କୁହୁ ମିଠା ମିଠା ଭଳି ଗୋଟିଏ ପରେ ଗୋଟିଏ ଭାବଭକ୍ତି ପୂର୍ଣ୍ଣ ଭଜନ ଶ୍ରଦ୍ଧାଳୁଙ୍କୁ ମନ୍ତ୍ରମୁଗ୍ଧ କରିଦେଇଥିଲା। ସେହିପରି କଣ୍ଠଶିଳ୍ପୀ ମାନସ କୁମାର, ଫୁଲରାଣୀ ଜେନା, ସନ୍ଧ୍ୟାରାଣୀ ମିଶ୍ର ପ୍ରମୁଖ ନିଜ କଣ୍ଠରେ ସ୍ରୋତାଙ୍କୁ ବାନ୍ଧି ରଖିଥିଲେ। ଭାଗୀରଥି ଆଚାର୍ଯ୍ୟ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ମୁଖ୍ୟ ଅତିଥି ଭାବେ ତହସିଲଦାର ଯଶୋବନ୍ତ ଦେହୁରୀ, ସମ୍ମାନିତ ଅତିଥି ଷ୍ଟେଟ ବ୍ୟାଙ୍କ ଶାଖା ପରିଚାଳକ ଅଭିଳାଷ ପଟ୍ଟନାୟକ ଯୋଗଦେଇ କାର୍ଯକ୍ରମକୁ ଉଦ୍‌ଘାଟନ କରିଥିଲେ। କଣ୍ଠଶିଳ୍ପୀ ଅହିସେଶ୍ୱର ଷଡ଼ଙ୍ଗୀ, ଜଗା ବେହେରା ମଧ ଭଜନ ପରିବେଷଣ କରିଥିଲେ। ସଲମାନ କ୍ରିଏଶନ ପ୍ରତିଷ୍ଠାତା ସଲମାନ ଖାଁ, ଅଭିନାଶ ଷଡ଼ଙ୍ଗୀଙ୍କ ସମେତ ପ୍ରଦୀପ କୁମାର ବାହୁକ, ବିଶ୍ୱବିଜୟ ଷଡ଼ଙ୍ଗୀ, ରାମପ୍ରସାଦ ତ୍ରିପାଠୀ, ବାଦଲ ବେହେରା, ଚନ୍ଦନ ରାଜ, ସୟଂ ଶକ୍ତି ପ୍ରଧାନ, ରେବତୀ ମିଶ୍ର, ରାଜେଶ ବେହେରା ପ୍ରମୁଖ ସହଯୋଗ କରିଥିଲେ।


କଣ୍ଠଶିଳ୍ପୀ ଶୈଳଭାମା ମହାପାତ୍ର ଭଜନ ପରିବେଷଣ କରୁଛନ୍ତି।

## କଙ୍କଡ଼ା ବେପାରୀଙ୍କୁ ମାଡ଼ ଅଭିଯୋଗ

**ଛେଣ୍ଡିପଦା,୨୮।୬(ଅଜିତ ଧଳ)**

ଛେଣ୍ଡିପଦା ବ୍ଲକ ସାପୋଇସାହିଠାରେ ବୁଧବାର କରଡାବାହାଳ ଗ୍ରାମର କଙ୍କଡା ବେପାରୀ ସୁବାସ ବାଗଙ୍କୁ ସେହି ଗ୍ରାମର ମାନସ ପ୍ରଧାନ ଠେଙ୍ଗାରେ ମାଡ଼ ମାରିଥିବା ଛେଣ୍ଡିପଦା ଥାନାରେ ଅଭିଯୋଗ ହୋଇଛି। ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ପୋଲିସ କହିଛି, ସୁବାସ ସକାଳେ ଛେଣ୍ଡିପଦା ବ୍ଲକ ଛକକୁ ମାଣ୍ଡିଆ କଙ୍କଡା ବିକ୍ରି ପାଇଁ ଆସିଥିଲେ। ସେଠାରେ ମାନସ ୭ କେ.ଜି. କଙ୍କଡା କିଣିବା ସହ ସୁବାସଙ୍କୁ ସାପୋଇସାହି ଛକକୁ ଆସି ଟଙ୍କା ନେବାକୁ କହିଥିଲେ। ହେଲେ ମାନସ ସେଠାରେ ସୁବାସଙ୍କୁ ଟଙ୍କା ନ ଦେବାରୁ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଏଥିରେ ମାନସ ଉତ୍‌କ୍ଷିପ୍ତ ହୋଇ ସୁବାସଙ୍କୁ ଏକ ଠେଙ୍ଗାରେ ମାଡ଼ ମାରିଥିଲେ। ତାଙ୍କୁ ଚିକିତ୍ସା ପାଇଁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସିତ ହୋଇ ଆସିବା ପରେ ସୁବାସ ଥାନାର ଦ୍ୱାରସ୍ଥ ହୋଇଥିଲେ।

## ଧାର୍ ଟଙ୍କା ମାଗିବାରୁ ଆକ୍ରମଣ

**ଅନୁଗୋଳ,୨୮।୬(ଅମିତ ସାମଲ)**

ଧାର ଟଙ୍କା ମାଗିବାରୁ ଜରାସିଂହାରେ ରହୁଥିବା ଟିକନ ସାହୁଙ୍କୁ ତାଙ୍କ ପଡୋଶୀ ଶୁକ୍ରୁ ବେହେରା(୪୫) ବାରସିରେ ଆକ୍ରମଣ କରିଥିବା ଅନୁଗୋଳ ଥାନାରେ ଅଭିଯୋଗ ହୋଇଛି। ଟିକନଙ୍କ ଅଭିଯୋଗକ୍ରମେ ପୋଲିସ ନଂ. ୩୩୮/୨୩ରେ ମାମଲା ରୁଜୁ କରି ଶୁକ୍ରୁଙ୍କୁ ଗିରଫ କରିଛି। ପୋଲିସ କହିଛି, ବର୍ଷେ ତଳେ ଟିକନଙ୍କ ସ୍ତ୍ରୀ ଅହଲ୍ୟାଙ୍କ ନିକଟରୁ ପଡ଼ୋଶୀ ଶୁକ୍ରୁ ୫ ହଜାର ଟଙ୍କା ଧାର ନେଇଥିଲେ। ଅହଲ୍ୟା ମଙ୍ଗଳବାର ଧାର ଟଙ୍କା ମାଗିବାରୁ ଶୁକ୍ରୁ ତାଙ୍କୁ ଗାଳିଗୁଲଜ କରିଥିଲେ। ଏହାକୁ ଟିକନ ବିରୋଧ କରିବାରୁ ଶୁକ୍ରୁ ତାଙ୍କୁ ଏକ ବାରସିରେ ଟିକନଙ୍କୁ ଆକ୍ରମଣ କରିଥିବା ଅଭିଯୋଗପତ୍ରରେ ଦର୍ଶାଯାଇଛି।

## କାଳୀମନ୍ଦିର ନିର୍ମାଣ ପାଇଁ ଭୂମିପୂଜା

**ବଇଣ୍ଡା,୨୮।୬(ପରିକ୍ଷିତ ସାହୁ)**

କିଶୋରନଗର ବ୍ଲକ ଗାଁ ବଇଣ୍ଡା ପଞ୍ଚାୟତ ବଡ଼ହୁଲା ଠାରେ ଥିବା ମା' ଦକ୍ଷିଣ କାଳୀ ଠାକୁରାଣୀଙ୍କ ନୂତନ ମନ୍ଦିର ନିର୍ମାଣ ପାଇଁ ବୁଧବାର ଭୂମିପୂଜା ଅନୁଷ୍ଠିତ ହୋଇଯାଇଛି। ପୁରୁଣା ମନ୍ଦିର ନିକଟରେ ଜମି ଚିହ୍ନଟ କରାଯିବା ପରେ ବାହୁଡା ଯାତ୍ରା ଅବସରରେ ପୂର୍ବ ପ୍ରସ୍ତୁତି ଅନୁଯାୟୀ କଳସ ଯାତ୍ରା କରାଯାଇଥିଲା। ଏହାପରେ ସୂର୍ଯ୍ୟ ପୂଜା, ଭୂମି ପୂଜା ଅନୁଷ୍ଠିତ ହୋଇଥିଲା। ହୋମଯଜ୍ଞ ସହ ନାମସଂକୀର୍ତ୍ତନ କରାଯାଇଥିଲା। ପୂଜକ ଦିଲୀପ ଆଚାର୍ଯ୍ୟ ଭୂମି ପୂଜା କାର୍ଯ୍ୟ ସମ୍ପାଦନ କରିଥିଲେ। ସେହିପରି ମା'ଙ୍କ ମନ୍ଦିରରେ ପୂଜକ ଚନ୍ଦ୍ରମଣି ବେହେରା, ଅସୀମାନନ୍ଦ ଷଡଙ୍ଗୀ ଚଣ୍ଡୀ ପୂଜା କରିଥିଲେ। ଆଖପାଖ ଅଞ୍ଚଳରୁ ବହୁ ଶ୍ରଦ୍ଧାଳୁ ଯୋଗ ଦେଇଥିବାବେଳେ ସର୍ବେଶ୍ୱର ମହାପାତ୍ର, ଗ୍ରାମ ସଭାପତି ରମେଶ ଚନ୍ଦ୍ର ପ୍ରଧାନ, ସମ୍ପାଦକ ଗୋକୁଳା ନନ୍ଦ ପ୍ରଧାନ, କୁଞ୍ଜବିହାରୀ ଦେହୁରୀ, ସୁଦାମଚରଣ ପ୍ରଧାନ, ବେଣୁଧର ଦେହୁରୀ, ପ୍ରଶ୍ନ ପ୍ରଧାନ, ଦୁଃଶାସନ ପ୍ରଧାନ, ଭୀଷ୍ମ ଦେହୁରୀ, ଜଗବନ୍ଧୁ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।


ମନ୍ଦିର ନିର୍ମାଣ ପାଇଁ ଭୂମିପୂଜା କରାଯାଉଛି।

## ଛେଣ୍ଡିପଦାରେ ବାହୁଡ଼ା ଯାତ୍ରା ସମ୍ପନ୍ନ

**ଛେଣ୍ଡିପଦା,୨୮।୬(ଅଜିତ ଧଳ)**

ଛେଣ୍ଡିପଦା ବ୍ଲକ୍‌ର ବିଭିନ୍ନ ସ୍ଥାନରେ ବୁଧବାର ବାହୁଡାଯାତ୍ରା ପାଳିତ ହୋଇଯାଇଛି। ଛେଣ୍ଡିପଦା ରଥରେ ଛେଣ୍ଡିପଦା ଗ୍ରାମ୍ୟ କମିଟିର ସଭାପତି ଚନ୍ଦ୍ରମଣି ପ୍ରଧାନ ଛେରା ପହଁରା କରିଥିଲେ। ପରେ ଶ୍ରୀଜୀଉଙ୍କୁ ରଥାରୁଢ଼ କରାଯାଇ ଅପରାହ୍ନରେ ଜଗନ୍ନାଥ ମନ୍ଦିର ଅଭିମୁଖେ ରଥଟଣା ଯାଇଥିଲା। ସନ୍ଧ୍ୟା ସୁଦ୍ଧା ଶ୍ରୀଜିଉଙ୍କ ରଥ ଜଗନ୍ନାଥ ମନ୍ଦିର ନିକଟରେ ପହଞ୍ଚିଥିଲା। ଛେଣ୍ଡିପଦା ମନ୍ଦିର କମିଟି, ଛେଣ୍ଡିପଦା ଗ୍ରାମ୍ୟ କମିଟି ପକ୍ଷରୁ ଶାନ୍ତିଶୃଙ୍ଖଳା ରକ୍ଷା କରାଯାଇଥିଲା। ସେହିପରି ବ୍ଲକର ବାଗଡିଆଠାରେ ବାହୁଡା ଯାତ୍ରାରେ ଗୌରଚନ୍ଦ୍ର ପ୍ରଧାନଙ୍କ ଦ୍ୱାରା ଛେରାପହଁରା କରାଯାଇ ରଥଟଣା କାର୍ଯ୍ୟ ଆରମ୍ଭ ହୋଇଥିଲା। କୋଶଳା ଗ୍ରାମରେ କୃତାର୍ଥ ଦେହୁରୀଙ୍କ ଦ୍ୱାରା ଛେରା ପହଁରା କରାଯାଇ ରଥଟଣା ହୋଇଥିଲା। ସେହିପରି ପାତ୍ରପଡାରେ ବାସୁଦେବ ସାହୁଙ୍କ ଦ୍ୱାରା ଛେରାପହଁରା କରାଯାଇ ରଥଟଣା ହୋଇଥିଲା। ନୀତିଅନୁଯାୟୀ ଭକ୍ତଙ୍କୁ ଜଗନ୍ନାଥଙ୍କ ପ୍ରସାଦ ଅର୍ପଣ କରିବା ପରେ ୩ ଠାକୁରଙ୍କୁ ସର୍ବସାଧାରଣ ଦର୍ଶନ କରାଯାଇଥିଲା। ବିଭିନ୍ନ ସ୍ଥାନରେ ହୋଇଥିବା ବହୁଡାଯାତ୍ରାକୁ ମନ୍ଦିର କମିଟି, ଗ୍ରାମ୍ୟ କମିଟି ଓ ଗ୍ରାମବାସୀଙ୍କ ସହଯୋଗରେ କରାଯାଇଥିବାବେଳେ ରଥଟଣାବେଳେ ମଧ ଶାନ୍ତିଶୃଙ୍ଖଳା ରକ୍ଷା କରାଯାଇଥିଲା। ସେହିପରି ଛେଣ୍ଡିପଦା ବ୍ଲକର ଜିନ୍ଦଲ କାରଖାନା, କୋଶଳା, ବାଗଡିଆ, ବାଲିପଟା, କୋରଡା, ଜରପଡା, ଜେରେଙ୍ଗ, ଡଙ୍ଗାପାଳ, ଦୁର୍ଗାପୁର, ଓଗୀ, ତୁକୁଡା ଆଦି ଗ୍ରାମରେ ବାହୁଡାଯାତ୍ରା ପାଳିତ ହୋଇଯାଇଛି। ପ୍ରତ୍ୟେକ ଗ୍ରାମର ବାହୁଡା ଯାତ୍ରରେ ଛେଣ୍ଡିପଦା, ବାଗଡିଆ, ନିଶା ଓ ଜରପଡା ପୋଲିସ ପକ୍ଷରୁ ଶାନ୍ତିଶୃଙ୍ଖଳା ରକ୍ଷା କରାଯାଇଥିଲା।


ଛେଣ୍ଡିପଦାରେ ବାହୁଡ଼ା ଯାତ୍ରା ବେଳେ ପ୍ରବଳ ଶ୍ରଦ୍ଧାଳୁଙ୍କ ସମାଗମ।

